ପ୍ରେସ୍ ନୋଟ୍

## ପ୍ରତିଶ୍ରୁତି ପୁରଣ କଲେ 5T ସଚିବ ।

ଅନୁଗୋଳ ତା. ୨୦.୦୭ : ଓଡିଶା ସରକାରଙ୍କର 5T ସଚିବ ଶ୍ରୀ ଭି କେ ପାଣ୍ଡିଆନଙ୍କ ଅନୁଗୋଳ ଜିଲ୍ଲା ଗସ୍ତରେ ଆସିଥିବା ସମୟରେ ନିକଟସ୍ଥ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ସମ୍ମୁଖରେ ଥିବା ବାସ୍କେଟବଲ କୋର୍ଟରେ ଛାତ୍ରମାନଙ୍କ ସହିତ ଖୁସିରେ ବାସ୍କେଟ ବଲ ଖେଳିବା ସହ ଉକ୍ତ ଖେଳ ସମ୍ବନ୍ଧୀୟ ବିଭିନ୍ନ ଉପଦେଶମାନ ଦେଇଥିଲେ । ଭବିଷ୍ୟତରେ ଭଲ ପାଠ ସହିତ ଖେଳ,ନାଚକୁଦ,ସଙ୍ଗୀତ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ପାରଙ୍ଗମ ହାସଲ କରିବା ପାଇଁ ସେ ଛାତ୍ର/ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଏଥି ସହ ବିଦ୍ୟାଳୟରେ ଥିବା ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଇ-ଲାବୋରେଟୋରୀ ଏବଂ ଇଣ୍ଡୋରାକ୍ଟିନ ହଲ ବୁଲି ଦେଖିଥିଲେ ଏବଂ ବାସ୍କେଟବଲ ଟିମ୍‌ରେ ଥିବା ସମସ୍ତ ଛାତ୍ରମାନଂକୁ ଜୋତା ଓ ବଲ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଂକୁ ଡକାଇ 5T ସଚିବ ପଠାଇଥିବା ଉପହାର ତାଙ୍କ ପ୍ରକୋଷ୍ଠରେ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇଦୁରା ଦିପ୍, ଡେପୁଟୀ କଲେକ୍ଟର ଇଷାନୀ ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟ, ଖଲାରୀର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଗାୟତ୍ରୀ ଦାଶ, ଶିକ୍ଷକ ଶ୍ରୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାର୍ଷିକ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ।

ଗତକାଲି ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଜିଲ୍ଲା ସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମିଳନୀ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଅଜୟ କୁମାର ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡନାୟକ, ତାଳଚେର ଓ ବଣ଼ରପାଳ ବ୍ଲକ୍ ଶିକ୍ଷା ଅଧିକାରୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରିୟ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାକୁ କ୍ରୀଡାରେ ତୃଣମୂଳ ସ୍ତରରୁ କିଭଳି ଅଗ୍ରାଧିକାର ଦିଆଯିବ ସେଥିପ୍ରତି ଜିଲ୍ଲାର ସମସ୍ତ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯତ୍ନବାନ ହେବା ପାଇଁ ଅତିଥିମାନେ ମାର୍ଗଦର୍ଶନ କରିଥିଲେ । ବିଶେଷକରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ତାଂକ ଭାଷଣ ମାଧ୍ୟମରେ କହିଥିଲେ ବର୍ତ୍ତମାନ ପରିସ୍ଥିତିରେ 5T ମାଧ୍ୟମରେ ବିଦ୍ୟାଳୟ ସ୍ତରରେ କ୍ରୀଡାରେ ଥିବା ସମସ୍ତ ସମସ୍ୟା ସମାଧାନ ହୋଇପାରିଛି ଏଣୁ ଜିଲ୍ଲାର ସୁନାମ ପାଇଁ ରାଜ୍ୟ ଏବଂ ଜାତୀୟ ସ୍ତରର କ୍ରୀଡାବିତ୍ ସୃଷ୍ଟି ପ୍ରତ୍ୟେକ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟା ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାୟ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଇନ୍‌ଡୋର ହଲମାନ କରାଯାଇଅଛି ସେଠାରେ ଅନେକ ଖେଳକୁ ପ୍ରାଧାନ୍ୟ ଦିଆଯାଇ ଛାତ୍ରଛାତ୍ରୀମାନଂକୁ ସୁବିଧା ଥିବା କ୍ରୀଡାଗୁଡିକର ସୁଯୋଗ ନେବା ପାଇଁ ସଭାରେ ମତପ୍ରକାଶ ପାଇଥିଲା । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଭିକାରୀବନ୍ଧୁ ସାହୁ ଆଗାମୀ ଦିନରେ କ୍ରୀଡା କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଜିଲ୍ଲାର ସୁନାମ ଆଣିବା ପାଇଁ କ୍ରୀଡା ଶିକ୍ଷକମାନଂକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ୮ ବ୍ଲକର ସମ୍ପାଦକମାନେ ସେମାନଂକର ସମସ୍ୟା ଓ କ୍ରୀଡାର ଉନ୍ନତି ଉପରେ ସେମାନଂକ ମତାମତ ପ୍ରଦାନ କରିଥିଲେ । ଉକ୍ତ ସଭାରେ ୨୬୨ ଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଶେଷରେ କ୍ରୀଡା ଶିକ୍ଷକ ଶ୍ରୀ ଦୋଳଗୋବିନ୍ଦ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା - ୪୪୧ ତା.୨୦.୦୭.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

20/7/23
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.07.20 18:43


OPPO Reno7 5G
2023.07.20 13:38


OPPO Reno7 5G
2023.07.20 13:42

